ମୂଲ୍ୟ: ₹୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

ସେପ୍ଟେମ୍ବର ୨୩ – ୬ ଅକ୍ଟୋବର, ୨୦୨୧


୨ ବହି ବିଶେଷ : ଡ. ମୃଣାଳ ଚାଟାର୍ଜୀ

୪ ସ୍ମରଣୀୟ : ରବି ପଟ୍ଟନାୟକ

୩ ସୃଜନ-ଆଳାପ : କ୍ଷୀରୋଦ ଦାସ

୬ ଗଳ୍ପ : ମଧୁସୂଦନ ଦାଶ







ଭାଷା ଓ ସଂସ୍କୃତି

## ୱାଣ୍ଡରର୍ସ, କିଙ୍ଗସ, ମର୍ଚାଣ୍ଟସ

### ଦ ଷ୍ଟୋରି ଅଫ୍ ଇଣ୍ଡିଆ ଥ୍ରୁ ଇଟ୍ସ ଲାଙ୍ଗୁଏଜେସ୍


**ଲେଖିକା:** ପେଗିମୋହନ
**ପ୍ରକାଶକ:** ପେଙ୍ଗୁଇନ୍




ଡ. ମୃଣାଳ ଚାଟାର୍ଜୀ

ଭାଷାର ଉତ୍ପତ୍ତି ସମ୍ପର୍କରେ ଏ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବରେ କୌଣସି ଉତ୍ତର ମିଳିପାରି ନାହିଁ। ଏବେ ଭାଷାର ଉତ୍ପତ୍ତି ନିଜେ ଏକ ବିଷୟ ହୋଇ ଉଠିଛି। ବିଭିନ୍ନ ଦୃଷ୍ଟିକୋଣରୁ ଏହି ବିଷୟରେ ତଥ୍ୟ ସଂଗ୍ରହ କରାଯାଉଛି। ଐତିହାସିକ, ମନସ୍ତତ୍ତ୍ୱବିତ୍, ସମାଜବିଜ୍ଞାନୀ ଏବଂ ନୃତାତ୍ତ୍ୱିକମାନେ ସମସ୍ତେ ତାଙ୍କ ଦୃଷ୍ଟିରୁ ପରୀକ୍ଷାନିରୀକ୍ଷା କରୁଛନ୍ତି। ନିର୍ଦ୍ଦିଷ୍ଟ ଭାବରେ ଭାଷା କେବେ ଉତ୍ପତ୍ତି ହେଲା ଏବଂ କିଭଳି ଭାବରେ ଏହା ସାରା ପୃଥିବୀରେ ବିସ୍ତାରିତ ହେଲା– ତାହା ଏ ପର୍ଯ୍ୟନ୍ତ ଗବେଷଣାର ବିଷୟ ହୋଇ ରହିଛି।

ଏ ପୁସ୍ତକର ଲେଖିକା ପେଗିମୋହନ ଏକ ବହୁ–ଭାଷୀ ପରିବାରରେ ବଢ଼ିଛନ୍ତି। ତାଙ୍କ ମାଆ କାନାଡ଼ାର, ବାପା ଟ୍ରିନିଦାଦ୍‌ର ଅଧିବାସୀ ଭାରତୀୟ। ଟ୍ରିନିଦାଦ୍‌ର ଭାରତୀୟମାନେ ବିଭିନ୍ନ ପ୍ରକାର ଭାଷା ବ୍ୟବହାର କରନ୍ତି। ଇଂଲିଶ୍, ଭୋଜପୁରୀ, ହିନ୍ଦୀ, କିଛିକିଛି ଫ୍ରେଞ୍ଚ– ଏ ସବୁ ମିଶା ଏକ ଇନ୍ଦ୍ରଧନୁ ପ୍ରତିମ ଭାଷା ସେମାନେ ବ୍ୟବହାର କରନ୍ତି।




ପେଗିମୋହନଙ୍କ ପିଲାବେଳ ଏପରି ପରିବେଶରେ କଟିଛି। ଯାହାଫଳରେ ସେ ନିଜେ କହନ୍ତି ଯେ, 'ମୁଁ କୌଣସି ଭାଷାରେ ବିଶେଷ ବ୍ୟୁତ୍ପତ୍ତି ହାସଲ କରିପାରିଲି ନାହିଁ।' ଏମିତି ଏକ ମିଶ୍ରିତ ପରିବେଶ ତାଙ୍କୁ ଭାଷା ବିଷୟରେ ଅଧିକ ଜାଣିବା ପାଇଁ ଆଗ୍ରହୀ କରି ତୋଳିଲା। ତା'ର ଫଳ ହେଉଛି ଏ ପୁସ୍ତକ।

ଏ ପୁସ୍ତକ ଭାଷାକୈନ୍ଦ୍ରିକ। ହେଲେ ବି ଭାଷା–ଗବେଷଣାଧର୍ମୀ ପୁସ୍ତକ ନୁହଁ। ଆରମ୍ଭ ହୋଇଛି ସେଇ ଭାବରେ, କିନ୍ତୁ ତା' ପରବର୍ତ୍ତୀ ସମୟରେ ଏହାର ପରିସୀମା ଆହୁରି ବିସ୍ତାରିତ ହୋଇଯାଇଛି। ଭାଷା କ୍ଷେତ୍ରରୁ ଆରମ୍ଭ ହୋଇ ଏହା ନୃତତ୍ତ୍ୱ, ସମାଜତତ୍ତ୍ୱ ଓ ଇତିହାସ ଆଡ଼କୁ ବିସ୍ତରିଯାଇଛି।

ପେଗିମୋହନଙ୍କ ମତ ଅନୁସାରେ, ଆର୍ଯ୍ୟମାନେ ତତ୍କାଳୀନ ଭାରତ ବାହାରୁ ଆସିଥିଲେ। ଏଠିକାର ଯେଉଁ ରାଜାମାନେ ଥିଲେ, ସେମାନଙ୍କୁ ପରାସ୍ତ କଲେ ଏବଂ ବସବାସ କରିବାକୁ ଲାଗିଲେ। ସେମାନେ ଏଠିକାର ସ୍ଥାନୀୟ ମହିଳାଙ୍କୁ ବିବାହ କଲେ। ତାଙ୍କର ସନ୍ତାନ ସନ୍ତତି ହେଲା ଓ ସେମାନେ ଆର୍ଯ୍ୟ ଏବଂ ସ୍ଥାନୀୟ ଭାଷାକୁ ମିଶାଇ ଏକ ମିଶ୍ର ଭାଷାରେ କଥା ହେବାକୁ ଲାଗିଲେ। ସେମାନେ ବଡ଼ ହୋଇ ଅନ୍ୟ କେଉଁଠିକି ଗଲେ ଏବଂ ସେଠିକାର ସ୍ଥାନୀୟ ବାସିନ୍ଦାମାନଙ୍କ ସହ ମିଶିଲେ, ସେଠି ଆଉ ଏକ ପ୍ରକାର ଭାଷାର ଜନ୍ମ ନେଲା। ଏମିତି କ୍ରମଶଃ ବିଭିନ୍ନ ପ୍ରକାରର ଭାଷା ଭାରତବର୍ଷରେ ଆରମ୍ଭ ହେଲା।

ଧୀରେ ଧୀରେ ସଂସ୍କୃତ ଏବଂ ପ୍ରାଚୀନ ଭାଷାଗୁଡ଼ିକ ଋଷି ଏବଂ ଅଭିଜାତ ଶ୍ରେଣୀର ଭାଷା ହୋଇ ରହିଲା। କଥ୍ୟଭାଷା ଯାହା ରହିଲା, ତାହା ସାଧାରଣ ଲୋକଙ୍କ ଭାଷା ହୋଇ ରହିଲା। ମାଆ ଯେଉଁ ଭାଷା କହିଲେ, ସେଥିରେ ପିଲାମାନେ ଅଧିକ ପ୍ରଭାବିତ ହେଲେ।

ଏ ବହିରେ ବିଭିନ୍ନ ସ୍ଥାନରେ ଭାଷା କେମିତି ବିକାଶଲାଭ କରିଛି, କେଉଁ ଭାଷା କେଉଁ ଭାବରେ ବଢ଼ିଛି, ଯାକୁ ନେଇ ଗବେଷଣା କରାଯାଇଛି। ଅନେକ ସ୍ଥାନୀୟ ଲୋକକଥାକୁ ମଧ୍ୟ ବହିରେ ସ୍ଥାନିତ କରାଯାଇଛି। ସାମାଜିକ ଇତିହାସକୁ ଭାଷା ଗବେଷଣା କ୍ଷେତ୍ରରେ ସୁନ୍ଦର ଭାବେ ବ୍ୟବହାର କରାଯାଇଛି।

ପେଗିମୋହନ ଗୋଟେ ବଡ଼କଥା କହିଛନ୍ତି। ତାହା ହେଉଛି ଯେଉଁ ଦେଶରେ ଅନେକ ଭାଷା ବ୍ୟବହାର କରାଯାଉଛି, ସେଥିରେ ଯେଉଁ ଭାଷା ଦୁର୍ବଳ, ହୁଏତ ବେଶୀଲୋକ ସେଥିରେ କଥାବାର୍ତ୍ତା କରୁନାହାନ୍ତି, ବେଶୀ ବ୍ୟବହାର ହେଉନାହିଁ, ସେ ଭାଷାରେ ବେଶୀ ବହିପତ୍ର ନାହିଁ, ଜ୍ଞାନ ଭଣ୍ଡାର ନାହିଁ, ସେ ଭାଷା ଧୀରେ ଧୀରେ ମରିମରି ଯିବ। ଯାକୁ ସେ ଡାଇଗ୍ଲୋସିଆ ବୋଲି କହୁଛନ୍ତି।

ଭାଷାକୁ ବଞ୍ଚାଇ ରଖିବା ପାଇଁ ଏ ଦିଗରେ ସମ୍ପୃକ୍ତ ଭାଷାର ଲୋକେ ତଥା ସରକାର ସଚେତନ ହେବା ଦରକାର। ଅନ୍ୟଥା ସେ ଭାଷା କ୍ରମଶଃ ମରିଯିବ। ଗୋଟେ ଭାଷା ମରିଗଲେ, ସେ ଭାଷାକୈନ୍ଦ୍ରିକ ଯେଉଁ ସଂସ୍କୃତି, ତାହା ମଧ୍ୟ ମରିଯିବ। ତେଣୁ ଭାଷାକୁ ବଞ୍ଚାଇ ରଖିବା ସେ ଭାଷାଭାଷୀ ଲୋକ ଏବଂ ସରକାରଙ୍କର ଏକ ମିଳିତ ଦାୟିତ୍ୱ।

ଲୋକସଂସ୍କୃତିରେ ଭାଷାର ଗୁରୁତ୍ୱ ଜାଣିବା ପାଇଁ ଏ ବହିଟି ଏକ ଦରକାରୀ, ଗୁରୁତ୍ୱପୂର୍ଣ୍ଣ ବହି।

– ସଞ୍ଚାରମାର୍ଗ, ଢେଙ୍କାନାଳ

# ପୁରୁଷ କମିଶନ

ଜାହ୍ନବୀ ମିଶ୍ର

ଗଳ୍ପ

ଗତବର୍ଷ ଖରାଛୁଟିରେ ଭୁବନେଶ୍ୱର ଆସିଥିବାବେଳେ, ବିଧାନସଭା ସମ୍ମୁଖ ରାଜରାସ୍ତାରେ ଅଟୋରେ ବସି ଏକ ଦୂର ଜାଗାକୁ ଯାଉଥିବା ବେଳେ ହଠାତ୍ ମୋ' ନଜର ପଡ଼ିଯାଇଥିଲା ଏକ ମୋଟା ଝଙ୍କାଳିଆ ଆମ୍ବଗଛର ଗଣ୍ଡିରେ ମରାହୋଇଥିବା ଏକ ବ୍ୟାନର ଉପରେ।

ବ୍ୟାନରଟିରେ କେତେକ ଦୁଃଖୀ, ନିର୍ଯାତିତ ଆଖିରୁ ଲୁହ ଗଡ଼ାଉଥିବା ଲୋକଙ୍କର ଫଟୋଥିଲା; ଆଉ ତା' ଉପରେ ଲେଖା ହୋଇଥିଲା– ''ପୁରୁଷ କମିଶନ ଆମର ଦାବି।''

ମୋତେ ଲେଖାଟି ବଡ଼ ବିଚିତ୍ର ଲାଗିଥିଲା। କମିଶନ ତ ସେଇମାନଙ୍କ ପାଇଁ ଗଢ଼ା ହୋଇଥାଏ, ଯେଉଁମାନେ ନିର୍ଯାତିତ, ଅତ୍ୟାଚାରିତ ଓ ଶୋଷଣର ଶିକାର ହୋଇଥା'ନ୍ତି। ତେବେ ଆମ ଦେଶରେ କ'ଣ ସବୁ ପୁରୁଷମାନେ ସମ୍ପୂର୍ଣ୍ଣ ସୁରକ୍ଷିତ! କେହି କେବେ କୌଣସି ଅତ୍ୟାଚାରର ଶିକାର ହୋଇନାହାନ୍ତି। ଏ ଭାବନା ଦୋହଲାଇ ଦେଉଥିଲା ମୋ' ମନକୁ। ଛୋଟ ବଡ଼ ଅନେକ ଘଟଣା ମନେପଡ଼ିଯାଉଥିଲେ ବି ଦୁଇଟି ପ୍ରମୁଖ ଘଟଣା ମୋ' ମନରେ ଭାସି ବୁଲୁଥିଲେ। ଗୋଟିଏ ଘଟଣା ଥିଲା ପୁରୁଣା, ଆଜିକୁ ଦଶ ବର୍ଷ ତଳର। ମୋର ଜଣେ ସମ୍ପର୍କୀୟ କକେଇଙ୍କୁ ମିଛ ଯୌତୁକ କେସ୍‌ରେ ଗୋଟିଏ ରାତି ପୋଲିସ ହାଜତରେ କାଟିବାକୁ ପଡ଼ିଥିଲା। ଅବଶ୍ୟ ଏକ ଲମ୍ବା ଲଢ଼େଇ ପରେ ସେ କେସ୍ ଜିତିଥିଲେ। କିନ୍ତୁ ସେ ଘଟଣା ତାଙ୍କ



ବିଶ୍ୱାସ ଆଉ ବିବେକକୁ ଏତେ ପରିମାଣରେ ଦୋହଲାଇ ଦେଇଥିଲା ଯେ, ସେ ସାରା ଜୀବନ ଅବିବାହିତ ରହିଗଲେ।

ଏ ପରିପ୍ରେକ୍ଷୀରେ ଅନ୍ୟ ଘଟଣାଟି ଥିଲା ଏବେକାର ସଦ୍ୟ ଓ ସତେଜ ଘଟଣା। କିଛିଦିନ ତଳେ ମୋ' ଷୋହଳ ବର୍ଷର ପୁଅ ନବି ମୁମ୍ବାଇର ଏକ ଲୋକାଲ୍ ଷ୍ଟେଶନ୍‌ରୁ ଶେୟାର ଅଟୋରେ ଘରକୁ ଆସୁଥାଏ। ଲୋକାଲ୍ ଷ୍ଟେଶନ୍‌ରୁ ମୋ' ଘରର ଦୂରତା ୫ କି.ମି. ହେବ। ମୋ' ପୁଅ ସେ ଶେୟାର୍ ଅଟୋର ଥିଲା ପ୍ରଥମ ଯାତ୍ରୀ। କିଛି ବାଟ ଆସିଲା ପରେ ଦୁଇ ଜଣ ଝିଅ ହାତ ଦେଖାଇ ଅଟୋକୁ ଅଟକାଇଥିଲେ। ଦୁଇ ଝିଅ ଯାତ୍ରୀଙ୍କୁ ଦେଖି ଅଟୋବାଲା ମୋ' ପୁଅକୁ ବାଧ୍ୟ କରିଥିଲା ଆଗକୁ ଆସି ତା' କଡ଼ରେ ବସିବା ପାଇଁ।

ମୋ' ପୁଅ ସେଦିନ ଯୁକ୍ତି କରିଥିଲା ଅଟୋବାଲା ସହିତ। କହିଥିଲା– ''ଆଗରେ ଡ୍ରାଇଭର କଡ଼ରେ ବସିବା ବେଆଇନ। ତା'ଛଡ଼ା ଆଗରେ ବସିବା ବି ଅସୁରକ୍ଷିତ ଓ ବିପଜ୍ଜନକ। ସେ ଆଗ ବସିଛି ଅଟୋରେ, ତେଣୁ ସେ କାହିଁକି ଆଗକୁ ଯିବ। ଝିଅମାନେ ତ ସବୁଠି ଦାବି କରୁଛନ୍ତି ଯେ ସେମାନେ ପୁଅଙ୍କ ସହ ସବୁ କ୍ଷେତ୍ରରେ ସମାନ, ତେବେ ଜଣେ ଝିଅ ଆଗରେ ଡ୍ରାଇଭର କଡ଼ରେ ବସୁ, ନଚେତ୍ ପଛ ସିଟ୍‌ରେ ତା' ସହ ଦୁଇ ଜଣ ବସନ୍ତୁ। ନହେଲେ ଯେହେତୁ ଶେୟାର୍ ଅଟୋର ପ୍ରଥମ ଯାତ୍ରିଟି ପୁଅଟିଏ, ତେଣୁ ଅଟୋବାଲା କେବଳ ପୁଅପିଲା ଯାତ୍ରୀ ହିଁ ତା' ଶେୟାର୍ ଅଟୋରେ ନେଉ।''

ଅଟୋବାଲା କିନ୍ତୁ ମାନି ନ ଥିଲା। ମୋ' ପୁଅ ପ୍ରତିବାଦରେ କହିଥିଲା–''ଝିଅମାନଙ୍କ ଜୀବନର ସୁରକ୍ଷା ପ୍ରତି ସବୁବେଳେ ଧ୍ୟାନ, ପୁଅମାନଙ୍କର କ'ଣ ଜୀବନର ସୁରକ୍ଷା ଦରକାର ନାହିଁ ଯେ ସେମାନେ ଡ୍ରାଇଭର କଡ଼ରେ ଆଗରେ ବିପଜ୍ଜନକ ଭାବରେ ବସିବେ।'' ଏତିକି କହି ମୋ' ପୁଅ ଅଟୋରୁ ସେଇ ଅଧା ରାସ୍ତାରେ ଓହ୍ଲାଇ ଚାଲିଚାଲି ଘରକୁ ଆସିଥିଲା।

ବ୍ୟାନର୍‌ରେ ଲେଖାକୁ ନେଇ ଏମିତି ଭାବନା ରାଇଜରେ ହଜି ଯାଇଥିବାବେଳେ, ହଠାତ୍ ଆଗରୁ ଏକ କାର୍ ହର୍ନରେ ପ୍ରକୃତିସ୍ଥ ହୋଇଥିଲି। ନିଜକୁ ନିଜେ କହି ହେଉଥିଲି– ''ପୁଅମାନେ ବି ମଣିଷ, ସେମାନେ ଝୁଣ୍ଟିଲେ ସେମାନଙ୍କ ଗୋଡ଼ରୁ ବି ରକ୍ତ ବାହାରେ। ପଥର ବାଜିଲେ ତାଙ୍କୁ ବି କଷ୍ଟ ହୁଏ।''

ହୁଏତ ଆମ ସମାଜରେ ନାରୀ ନିର୍ଯାତନାର ପରିମାଣ ପୁରୁଷ ନିର୍ଯାତନାର ପରିମାଣଠୁ ଅଧିକା ହୋଇପାରେ, କିନ୍ତୁ ତା' ମାନେ ନୁହେଁ ଯେ ଆମ ସମାଜରେ ପୁରୁଷମାନେ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଏକ ଶୋଷଣହୀନ ଜୀବନ ବିତାଉଛନ୍ତି।

ବ୍ୟାନରଟିରେ ଲେଖାକୁ ନେଇ ଏମିତି ନିଜ ସହ ନିଜେ ଯୁଦ୍ଧ କରୁଥିବାବେଳେ, ହଠାତ୍ ଅଟୋବାଲାଟି ମୋତେ ମୋ' ଗନ୍ତବ୍ୟ ସ୍ଥାନର ଠିକଣା ଆଉ ଥରେ ପଚାରି ବୁଝିଥିଲା। ଆଉ ମୁଁ ତାକୁ ପ୍ରତିବଦଳରେ ପଚାରିଥିଲି– 'ଆଉ କେତେ ବାଟ ଅଛି ସେଠି ପହଞ୍ଚିବାକୁ?'ଉତ୍ତରରେ ଅଟୋବାଲା କହିଥିଲା– 'ମ୍ୟାଡାମ୍ ଆହୁରି ଅନେକ ବାଟ ବାକି ଅଛି, ଗୁଡ଼େ ସମୟ ଲାଗିବ ସେଠି ପହଞ୍ଚିବାକୁ।'

ଏଥର ମୁଁ ନିଜକୁ ସହଜ କରିବାକୁ ଚେଷ୍ଟା କରି ମୋ' ଗନ୍ତବ୍ୟସ୍ଥଳର ଅପେକ୍ଷାରେ ଅଟୋରେ ଚୁପଚାପ୍ ବସି ରହିଲି।

ନବିମୁମ୍ବାଇ
ମୋ: ୯୧୩୬୧୧୯୭୫୩

## ଖୋଳ

ଅଣୁ ଗଳ୍ପ

ଦେବେନ୍ଦ୍ର କର

ବୁଢ଼ୀଟା ନିଇତି ଏଠୁସେଠୁ କାଗଜଖୋଳ ଗୋଟେଇ ଆଣି ଘରେ ସାଇତେ। ବୋହୂ ଛିଗୁଲେଇ କୁହେ ଘରେ ଆମର ଅମୂଲ୍ୟ ସମ୍ପଦ ସାଇତା ହେଉଛି। ଅପରିଷ୍କାର ହେଲେ ଘରକୁ ଅଭାବ ଗୋଡ଼ାଏ, ସୁଖଶାନ୍ତି ଉଡ଼ୁଡ଼େ, ଅଇଲା ଧନ ଲେଉଟିଯାଏ। ଧମକ ଦିଏ କୋଉ ଦିନ ମୁଣ୍ଡକୁ ପିତ୍ତ ଉଠିବ ସବୁତକ ପଦାରେ ଫିଙ୍ଗିଦେବି। ସେଦିନ ନାତିଟୋକା ସ୍କୁଲରୁ ଫେରି କହିଲା– ମାମା ମାମା, ମୋର କେତେଗୁଡ଼ିଏ କାଗଜଖୋଳ ଦରକାର। ଖୋଳ ନ ମିଳିଲେ ମୋର ବିଜ୍ଞାନ ପ୍ରୋଜେକ୍ଟ ହେଇପାରିବ ନାହିଁ। ତହିଁ ଆରଦିନ ବୁଢ଼ୀର ସବୁତକ ଖୋଳ ଗାଏବ। ବୁଢ଼ୀ ସକାଳୁ ସକାଳୁ ଗୁଣୁଗୁଣୁ ହେଉଥାଏ ଖୋଳ ଗଲେ ଯାଉ ପଛେ ସୁଖଶାନ୍ତି ନ ଉଡ଼ୁଡ଼ୁ। ବୋହୂ ସବୁ ଶୁଣି ଚୁପ୍ ଥାଏ।

ମୋ: ୯୯୩୭୯୬୩୯୧୦

ସାହିତ୍ୟାୟନ

ଲେଖା ପଠାଇବାର ଠିକଣା

ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ। ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିଜର ଲେଖା ଡିଟିପି କରି ୱାର୍ଡ କିମ୍ବା ପେଜ୍‌ମେକର ଫାଇଲରେ E–mailରେ ପଠାଇ ପାରିବେ ପୂରା ଠିକଣା ଓ ମୋବାଇଲ ନମ୍ବର ସହ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

ସୃଜନ-ଆଳାପ

# ପ୍ରାଣୀଙ୍କ ନାଚାରପଣ ମୋତେ ବିମର୍ଶ କରାଇଥାଏ



## କ୍ଷୀରୋଦ ଦାସ

**କ୍ଷୀରୋଦ ଦାସ**ଙ୍କ ଜନ୍ମ ୧୫ ଅକ୍ଟୋବର ୧୯୬୫ରେ, ଜଗତ୍‌ସିଂହପୁର ଜିଲାର ପଣ୍ଡୁଆ ଗାଁରେ। ମାଟିମନସ୍କ କଥକତା, ସ୍ମୃତି-ସଜଳ କାହାଣୀ ଅବତାରଣା, ଉପମାଯୁକ୍ତ ଭାଷାବିନ୍ୟାସ ପାଇଁ ଏହି କଥାଶିଳ୍ପୀଙ୍କ ଗଳ୍ପ ଓ ଉପନ୍ୟାସ ପାଠିକାପାଠକଙ୍କ ମନ କିଣିଥାଏ। 'ଅସୁସ୍ଥ ସମୟ', 'ମୂକ ରାଜଜେମା', 'ମୁଠାଏ ଦୀର୍ଘଶ୍ୱାସ' ଓ 'ସତସତିକା ଖେଳ' ଗଳ୍ପଗ୍ରନ୍ଥ; 'ବେଦନାର ବେଦ' ଓ 'ପ୍ରିୟ ପୃଥିବୀ' ପରି ଉପନ୍ୟାସର ବିରଳ ସ୍ରଷ୍ଟା ସେ। ଜୀବନର ବହୁବିଧ ଅନୁଭୂତିକୁ ଅଙ୍ଗୀକାର କରି ତାଙ୍କ ଲେଖା ସମାଜ ଜୀବନର ଅମ୍ଳାନ ଛବି ଆଙ୍କିଧରେ। ସମକାଳ ପରିପ୍ରେକ୍ଷୀରେ ଆମ ସଂସ୍କୃତି, ମାଟି, ପାଣି ଓ ପବନର ବାସ୍ନା ତାଙ୍କର ପ୍ରତିଟି ସୃଷ୍ଟିରେ ଛନ୍ଦାୟିତ। ଆମ ସାହିତ୍ୟର ଆଦରଣୀୟ ଏହି କଥାକାରଙ୍କ ସହ ଧରିତ୍ରୀ 'ସାହିତ୍ୟାୟନ'ର ଏ ସୃଜନାଳାପ...

**ପ୍ରଃ** ପ୍ରଥମ ପ୍ରକାଶିତ ସୃଷ୍ଟିର ପୁଲକ ନିଆରା। ଆପଣଙ୍କ ପ୍ରଥମ ପ୍ରକାଶିତ ସୃଷ୍ଟି ସମ୍ପର୍କରେ କିଞ୍ଚିତ୍ ସୂଚନା ଦେବେ କି?

**ଉଃ** ମୋର ପ୍ରଥମ ପ୍ରକାଶିତ ଗଳ୍ପ ହେଉଛି 'ଯନ୍ତ୍ରଣା', ଯାହା ପ୍ରକାଶିତ ହୋଇଥିଲା ଆଜିକୁ ଏକତିରିଶ ବର୍ଷ ପୂର୍ବେ 'ଧରିତ୍ରୀ'ର ରବିବାସରୀୟ ସାହିତ୍ୟ ପୃଷ୍ଠାରେ। ରାସ୍ତା ଉପରେ ବସି ଭିକ ମାଗୁଥିବା ଜଣେ ବୃଦ୍ଧା ଭିକାରୁଣୀର ବେଲାରେ ନ ପଡ଼ି ପାଖରେ ଥିବା ଠାକୁର ଅବା ପଥର ପାଖରେ ଅଜାଡ଼ି ହୋଇପଡୁଥିଲା ଦାତାଙ୍କ ସହୃଦୟତା। ବୃଦ୍ଧାଙ୍କ ଆଖିର ସେଇ କରୁଣ ଅସହାୟତା ହାହାକାର ସୃଷ୍ଟି କରିଥିଲା ମୋ' ଛାତି ଭିତରେ, ଯେଉଁଥିରୁ ସୃଷ୍ଟି ହୋଇଥିଲା ସେଇ ଗପ। ଗପଟିକୁ ଛପା ଅକ୍ଷରରେ ଦେଖି ମୁଁ ଆନନ୍ଦରେ ଆତ୍ମହରା ହୋଇଥିଲି ଏବଂ ଅସାର ଏ ସଂସାର ଭିତରେ ମୋ' ପରି ଏକ କ୍ଷୁଦ୍ର ପ୍ରାଣୀର ଜୀବନ ବୋଧହୁଏ ସାର୍ଥକ ହୋଇଯିବା ପରି ଅନୁଭବ କରିଥିଲି।

**ପ୍ରଃ** ଆପଣଙ୍କ ଗଳ୍ପରେ କାହାଣୀକୁ ପ୍ରାଧାନ୍ୟ ଦିଆଯାଇଥାଏ। କାହାଣୀ ସଂଗ୍ରହର କଳା ଓ କୌଶଳ ସମ୍ପର୍କରେ କିଛି କହିବେ କି?

**ଉଃ** ଜୀବନର ପ୍ରତି ମୁହୂର୍ତ୍ତରେ ଘଟୁଥିବା ପ୍ରତିଟି ଘଟଣା ଓ ଦୁର୍ଘଟଣା ଭିତରେ ଛପି ରହିଥାଏ ଏକ କାହାଣୀ, ତାକୁ ଅନ୍ତର୍ଦୃଷ୍ଟିରେ ଦେଖିବା ପରି ସୂକ୍ଷ୍ମ ଓ ଦରଦୀ ହୃଦୟଟିଏ ଆବଶ୍ୟକ। ଘଟିତ ଘଟଣାଟିକୁ କିଏ କେଉଁ ଦୃଷ୍ଟିରେ ଦେଖିଲା ଓ ଲେଖିଲା, ତାହା ହିଁ ବଡ଼ ଆହ୍ୱାନ ଜଣେ ଲେଖକ ପାଇଁ।

**ପ୍ରଃ** ଜଣେ ଲେଖକ ଭାବରେ ପୁରସ୍କାର ଓ ପାଠକୀୟ ସ୍ୱୀକୃତି ମଧ୍ୟରୁ ଆପଣ କେଉଁଟିକୁ ଅଧିକ ଗୁରୁତ୍ୱ ଦିଅନ୍ତି?

**ଉଃ** ଏକତିରିଶ ବର୍ଷର ସର୍ଜନଶୀଳ ଜୀବନକାଳ ଭିତରେ ମୁଁ ଅର୍ଜନ କରିଥିବା ଛୋଟବଡ଼ ପୁରସ୍କାର ଓ ସମ୍ମାନର ସଂଖ୍ୟା ପଚିଶ କିମ୍ବା ତିରିଶ ହୋଇପାରେ। ସବୁଗୁଡ଼ିକର ନାମ ବା ପ୍ରଦାନ କରିଥିବା ସଂସ୍ଥାର ନାମ ମୋର ମନେପଡୁନାହିଁ। ନିଜେ ପାଇଥିବା ପୁରସ୍କାରର ନାଁ ଯେତେବେଳେ ମୋର ମନେନାହିଁ, ତାକୁ ଅନ୍ୟମାନେ ଯେ ମନ ଭିତରେ ସାଇତି ରଖିଥିବେ, ଏକଥା ଭାବିବା ହାସ୍ୟାସ୍ପଦ। ଅଥଚ ତିରିଶ ବର୍ଷ ପୂର୍ବେ ମୁଁ ଲେଖିଥିବା କିଛି ଗଳ୍ପ ଏବେ ବି ଝଲସୁଛି ପାଠକଙ୍କ ହୃଦୟରେ। ମୋ' ମତରେ ପୁରସ୍କାର ଏକ ଅଳୀକ ଆନନ୍ଦ, ପାଠକୀୟ ସ୍ୱୀକୃତି ହେଉଛି ବାସ୍ତବ ତୃପ୍ତି।

**ପ୍ରଃ** ଆପଣ ବହୁ ମାନବେତର ଚରିତ୍ରଙ୍କୁ ନେଇ ଅନେକ ଗଳ୍ପରଚନା କରିଛନ୍ତି। ଏହା କ'ଣ ସେମାନଙ୍କ ପ୍ରତି ଗଭୀର ଭଲପାଇବା ନା ଅନ୍ୟ କୌଣସି କାରଣରୁ ଏସବୁ ସୃଷ୍ଟି?

**ଉଃ** ଚାରିବର୍ଷର ହୋଇଥିବାବେଳେ ମୋ' ଝିଅ ମୋ' ଝର୍କାରେ ବସା କରିଥିବା ଏକ ପାରା ବସାରୁ ଅଣ୍ଡାଟି ଆଣୁଥିବାବେଳେ ତା' କୁନି ହାତରୁ ଖସିପଡ଼ି ଅଣ୍ଡାଟି ଛତରଛାଳ ହୋଇଗଲା। ଠିକ୍ ସେଇ ସମୟରେ ପାରାଟି ଆସି ପହଞ୍ଚିଗଲା ତା' ବସାରେ। ତଳକୁ ଚାହିଁ ଦେଖିଲା ଉଜୁଡ଼ିଯାଇଥିବା ତା' ସଂସାରକୁ। ସତେକି ସାରା ସଂସାରର ସବୁ ଦୁଃଖକୁ କିଏ ଓଳାଇ ଆଣି ଠୁଳ କରିଦେଇଛି ତା' ମୁହଁ ଉପରେ। ଘଡ଼ିଏ ସେ ଗୁମ୍ ହୋଇ ବସିଲା ଓ ଧୀରେ ଉଡ଼ି ପଳାଇଲା। ଆଉ କେବେ ବି ଫେରିଲା ନାହିଁ ବସାକୁ। ପଶୁ ହେଉ ଅବା ପକ୍ଷୀ, ସେମାନଙ୍କ ଉପରେ ହେଉଥିବା ଅନ୍ୟାୟ ଓ ଅବିଚାରର ପ୍ରତିବାଦ କରି ନ ପାରିବାର ନାଚାରପଣ ହିଁ ମୋତେ ବିମର୍ଶ କରାଇଥାଏ ଏବଂ ସେମାନଙ୍କ ପ୍ରତି ଶ୍ରଦ୍ଧା ଓ ସହାନୁଭୂତିଶୀଳ ହେବା ପାଇଁ ବିବଶ କରିଥାଏ।

**ପ୍ରଃ** ଆପଣ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ଓଡ଼ିଆ ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ବେଶ୍ ସକ୍ରିୟ। ଗଳ୍ପ ଓ ଉପନ୍ୟାସ ମଧ୍ୟରୁ ଆପଣ କେଉଁଥିରେ ବେଶି ସହଜ ମନେକରନ୍ତି ନିଜକୁ?

**ଉଃ** ଗଳ୍ପ ଓ ଉପନ୍ୟାସ କେଉଁଥିରେ ବି ନିଜକୁ ସହଜ ମନେକରେନି। ଉଭୟଙ୍କୁ ଭୂମିଷ୍ଠ କରିବା ପାଇଁ ମୁଁ ଅହରହ କ୍ଷତାକ୍ତ ହେଉଥାଏ। ଉପନ୍ୟାସର ବୃହତ୍ କାନ୍‌ଭାସକୁ ରଙ୍ଗେଇବାକୁ, ଚରିତ୍ରମାନଙ୍କୁ ସଜାଇବାକୁ, ସେମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବାକୁ କିନ୍ତୁ ନୟାନ୍ତ ହେବାକୁ ପଡ଼ିଥାଏ।

**ପ୍ରଃ** ଆପଣଙ୍କର ବହୁ ଗଳ୍ପରେ ପ୍ରେମ ଏକ ମୁଖ୍ୟ ବିଭାବ। ମାତ୍ର ତାହା ଅପ୍ରାପ୍ତି ଜନିତ। ଏମିତି କାହିଁକି?

**ଉଃ** ବହୁ ଗଳ୍ପରେ ନୁହେଁ, ମୋର ପ୍ରତିଟି ଗଳ୍ପରେ ଭରିରହିଛି ପ୍ରେମାନୁଭବ। ପ୍ରେମାନୁଭବ ଏତେ ବିଶାଳ ଯେ ଆପଣ ତାକୁ ପ୍ରେମିକା-ପ୍ରେମିକ ଭିତରେ ଆବଦ୍ଧ କରି ରଖି ପାରିବେ ନାହିଁ। ପ୍ରାତଃଭ୍ରମଣ ସମୟରେ ଗୋଟେ ଗର୍ଭିଣୀ ତେଲୁଣୀପୋକ ମୋ' ଜୋତା ତଳେ ଚାପି ହୋଇ ଜୀବନ ହରାଇଲା। କହିବା ବାହୁଲ୍ୟ, ଚାରି ପାଞ୍ଚଦିନ କାଳ ମୋର ଆହାର ନିଦ୍ରା ବାଧାପ୍ରାପ୍ତ ହେଲା। ଏହାକୁ ଆପଣ ତା' ପ୍ରତି ମୋର ପ୍ରେମଭାବ ବୋଲି କହିବେନି? ମୋ' ମତରେ ପ୍ରାପ୍ତି ଅପେକ୍ଷା ଅପ୍ରାପ୍ତିରେ ଥାଏ ପ୍ରେମର ପରାକାଷ୍ଠା। ମିଳିଗଲେ ତ ସରିଗଲା।

**ପ୍ରଃ** ଆପଣଙ୍କ ଗଳ୍ପରେ ବୌଦ୍ଧିକତା ଓ ଦାର୍ଶନିକତା ଅପେକ୍ଷା ହୃଦୟର ଆବେଗ ଓ ସାଧାରଣ ଲୋକର ଜୀବନ କଥା ଅଧିକ ଥାଏ। ଏହା ସ୍ୱତଃସ୍ଫୂର୍ତ୍ତ ନା ଇଚ୍ଛାକୃତ?

**ଉଃ** ଆଗରୁ ଅନେକବାର କହିଛି- ସାହିତ୍ୟ କେବେ ବି ମସ୍ତିଷ୍କଗତ ବ୍ୟାପାର ନୁହେଁ, ତାହା ସମ୍ପୂର୍ଣ୍ଣ ହୃଦୟଗତ ପରିପ୍ରକାଶ। ପ୍ରତିଟି ସୃଷ୍ଟି ଭିତରେ ଥାଏ ବୌଦ୍ଧିକତା, ଥାଏ ବି ଦାର୍ଶନିକତା। ଅତି ଲେମ୍ବୁ ଚିପୁଡ଼ିଲେ ପିତା ନ୍ୟାୟରେ ମୁଁ ମୋ' ଲେଖାରେ ସେ ସବୁର ବହୁଳ ପ୍ରୟୋଗ କରେନା, କାରଣ




ପାଠକକୁ ପିତା-ପରଶିବା ସପକ୍ଷରେ ମୁଁ ନ ଥାଏ।

**ପ୍ରଃ** ଲେଖକର ସାମାଜିକ ପ୍ରତିବଦ୍ଧତା ରହିବା ଉଚିତ ବୋଲି ଆପଣ ମନେକରନ୍ତି କି?

**ଉଃ** ଅଲ୍‌ବତ ମନେକରେ। ଲେଖକ ଏକ ସାମାଜିକ ପ୍ରାଣୀ। ସମାଜରେ ବାସ କରି ସାମାଜିକ ପ୍ରତିବଦ୍ଧତାକୁ ଅବଜ୍ଞା କରିବ, ଏହାଠାରୁ ବଡ଼ ଶଠତା ଓ ଛଳନା ଆଉ କ'ଣ ଥାଇପାରେ? ସମାଜରେ ବାସ କରୁଥିବା କେହି କେବେ ଅସାମାଜିକ ହେବାକୁ ପସନ୍ଦ କରିବ କି? ସାମାଜିକ ପ୍ରତିବଦ୍ଧତାକୁ ବାଦ୍ ଦେଇ ଯାହା ଲେଖାଯାଏ, ତାହା ଆଉ କିଛି ହୋଇପାରେ, କିନ୍ତୁ ସାହିତ୍ୟ ପଦବାଚ୍ୟ ନୁହେଁ।


**ପ୍ରଃ** ଗଳ୍ପଟିଏ ଲେଖିଲାବେଳେ କେବେ ନିଜର ସତ୍ତା ହରାଇବାର ଉପଲବ୍ଧି ଆପଣଙ୍କର ଅଛି କି?


**ଉଃ** ଗଳ୍ପର ଚରିତ୍ର ଭିତରେ ଲେଖକୀୟ ସତ୍ତାଟି ବିଲୀନ ନ ହେବାଯାଏ ଚରିତ୍ରଟି ଲୁଚକାଳି ଖେଳି ବିଚରା ଲେଖକକୁ ନୟାନ୍ତ କରୁଥାଏ। ଥରେ ଲେଖକୀୟ ସତ୍ତା ଚରିତ୍ର ସହିତ ଏକାତ୍ମ ହୋଇଗଲେ ଚରିତ୍ର ଆଉ କୁଆଡ଼େ ହଲିପାରେ ନାହିଁ। ତା'ପରେ ସୃଷ୍ଟିହୁଏ ଏକ ସଫଳ ଗପ।

**ପ୍ରଃ** ଯଦି କଥାକାର ହୋଇ ନ ଥା'ନ୍ତେ, ତେବେ କ'ଣ ହେବାକୁ ପସନ୍ଦ କରିଥା'ନ୍ତେ?

**ଉଃ** ଭଲ ସଂସାରୀ ମଣିଷଟିଏ ହେବାକୁ, ଯିଏ ନିଜ ପରିବାର ପ୍ରତି ଆହୁରି ଟିକିଏ ମନଯୋଗୀ ହୋଇପାରୁ ଥା'ନ୍ତା!

ମୋ: ୯୪୩୭୧୬୩୦୦୨






# ବାହୁଡ଼ା

**ଅକ୍ଷୟ ପାତ୍ର**

**ବା**ହୁଡ଼ିବା ବେଳର ରାସ୍ତା ହିଁ
ସବୁଠୁ ଦଗାଦିଆ
ବାହୁଡ଼ାଇ ଆଣୁଥିବା ପାଦ
ସବୁଠୁ ଜିଦ୍‌ଖୋର, ଅମାନିଆ
ବାହୁଡ଼ା ହିଁ ଦିଗ୍‌ବିଜୟରେ ଯାଇ
ଲହୁଲୁହାଣ ହୋଇଥିବା ସ୍ୱପ୍ନମାନଙ୍କୁ
କାନ୍ଧେଇ ଫେରୁଥିବା ମଣିଷପଣିଆ ।

ବାହୁଡୁଥିବା ପଦାତିକ ହିଁ ଜାଣେ
କେମିତି ଟୁକୁରା ଟୁକୁରା ହୋଇ
ବିଛେଇ ପଡ଼ିଥାଏ ଫେରିବା ପଥରେ
ମଜବୁରି–
ଭଙ୍ଗାକାଚ ପରି ଖୁବ୍ ଧାରୁଆ,
କେମିତି ବେରୋଜଗାରୀ ସହଚର ପରି
ସାଥେ ଚାଲୁଥାଏ
ଅନଟନର ଗଣ୍ଠିଲି ଭାର
ବେଲୁବେଳ ଲାଗୁଥାଏ ଓଜନିଆ,
କେଉଁ ସଂକ୍ରମଣର ମାରକ ଫଣା
କି' ବାଗେ ଦଂଶି ଦେଉଥାଏ ଦିହ ମନ
ଫାଁ ଗାଳି ଟଳିପଡୁଥାଏ
ଜୀବନ ଅଦିନିଆ ।

ଆହା !
ପିଠିରେ ସିଇଁ ହୋଇଯାଇଥିବା ପେଟ
ଛାତି ପଂଜରାରେ ଦୁଶିଯାଉଥିବା ଫାଟ
ଦିନୁଦିନ ଶାଙ୍କୁଡ଼ି ଯାଉଥିବା ଅଣ୍ଟାର ଆଣ୍ଠ
ଓ ନିରିମାଖି ଆଖିରୁ କ୍ରମ–ଉଭାନ୍ ଉଛାଟକୁ
କିଏ ଏମିତି ଭେଟି ଦେଇଥାଏ
ଛାଲ ଉତୁରିଥିବା ପାଦର ଅସହଜପଣିଆ ?

କା'ର ଇଙ୍ଗିତରେ
ଧୁ ଧୁ ଖରାରେ
ପୁଣି ରାତିର ଅନ୍ଧ ବେଢ଼ଣରେ
ଅନବରତ ବାହୁଡ଼ିବାରେ ଲାଗିଥାଏ
ଘାତକ ଭୋକ–
ଚୌକତିରେ ନେସି ହୋଇଥିବା କାଳେ
ଦରଦୀଙ୍କ କ୍ଷୋଭ ;
ଅଢ଼େଇ ଦିନିଆ ?

ମୋ: ୮୮୯୫୮୮୪୯୬୦

# ଭୋକ

**ପାୟଲ ଦାସ**

**ରା**ତି ପାହିଲେ,
ରଇମତି ଧାଏଁ ଷ୍ଟେଶନ
ସାତସିଆଁ ଲୁଗାରେ
ତା' ଢିଲାସ୍ତନକୁ ଲୁଚେଇ ଦେଇ ।

କେବେ ଦେଖିଚ କି ରଇମତିର ପେଟକୁ ?
କେବେ ମାପିଚ କି
ତା' ଚାଖଣ୍ଡେ ପେଟର ଗଭୀରତା ?
ମୁଁ ଜାଣେ,
ତମେ ଦେଖୁଥିବ ତା'ର ତାଳୁରୁ ତଳିପା
ତୁମ ଆଖିକୁ,
ତା' ବିନା ବ୍ଲାଉଜର ଛାତି
ନିଶ୍ଚିତ ଉଛା ଲାଗୁଥିବ
କିନ୍ତୁ ଦିଶୁ ନ ଥିବ ତା' ଶୁଖିଲା ପେଟ
ଦିଶୁ ନ ଥିବ ତା' ପେଟତଳ ଭୋକ
ଦିଶୁ ନ ଥିବ ତା' ପେଯୁଆ ଆଖିଯୋଡ଼ାକ ।

ମୁଁ ଜାଣେ ପରା
ବିସ୍କୁଟ୍ ପ୍ୟାକେଟ୍‌ଟାଏ ଯାଚି ଦେଇ
ବାରମ୍ବାର ତମେ ଛୁଉଁଥିବ ତା' ଶୁଖିଲା ଦେହ
ରଇମତି ବିଚାରି ବୁଝିଯିବଣି
ଏବେ ତା' ଭୋକ ମାରିବାକୁ ହେଲେ
ଆଗ ତମ ଭୋକ ମାରିବାକୁ ହେବ ।

ଚୁପ୍‌ଚାପ୍ ରଇମତି ତମ ପଛେପଛେ
ଷ୍ଟେଶନ ପଛ ଭଙ୍ଗାଘର ରାସ୍ତା ଧରୁଥିବ...
ଭୋକ ହସୁଥିବ ଆଲେକ୍‌ଜାଣ୍ଡାରଙ୍କ ହସ
କହୁଥିବ । ଭୋକ ଦେହର ହେଉ କି ପେଟର
ଭୋକ ପାଖରେ ସମସ୍ତେ ପରାସ୍ତ ।

ମୋ: ୭୨୦୫୦୫୩୯୬୮

# ଇଏ କି ଝଡ଼ !

**ଅଖିଳ କୁମାର ମିଶ୍ର**

**ଆ**ଜି ଏକୁଟିଆ ରହିବାକୁ ଡରୁଚ କିଆଁ
ଜୀବନଟା ତ ସେଇ ରକମ,
ଇୟେ ଏକ ଅଭ୍ୟାସ, କୌଶଳ
ତୁହାକୁ ତୁହା ଆସେ, ଯାଏ...

ମୁଁ ଖାଲି ଏ ମୁହୂର୍ତ୍ତରେ ତାକୁ ସାମ୍ନା କରୁନି,
ଅତୀତରେ ବି ଏକୁଟିଆ ଥିଲି,
ଆପଣା ହୃଦୟର ନିଶୂନ ଗଳିରେ ଖେଳୁଥିଲି,
ନିର୍ଜନତାର ବର୍ଷା ପୁଲକ ରଚୁଥିଲା
ଅବା କେବେ ଲୁହମାନେ
ଆମ୍ବୁଲାନ୍‌ସ ପରି ଧାଁଧପଡ଼ କରୁଥିଲେ ।

ଜୀବନ ଓ ହୃଦୟ ତ
ଆଶଙ୍କାରେ, ଭୋକରେ
ଦାୟିତ୍ୱହୀନତାରେ ଓ ସ୍ୱାର୍ଥପରତାରେ ମରୁଚି
ଚିରକାଳ ଯେ ଏଇ ରାତି
କାନ୍ଦି କାନ୍ଦି ସରୁଚି ।
ଦୁଃଖର ଶେଷ କ'ଣ ?
ଆତ୍ମୀୟତାର ସୀମା କେଉଁ ଯାଏ ?

ଅନାୟାସ ଝଡ଼,
ଚିହ୍ନେଇଦିଏ ଜଣକୁ ଆଉ ଜଣକ ସହ
ୟେ ଏକ ସୁନ୍ଦର ପତନ,
ପରୀକ୍ଷାକରେ ତାଜୁବ୍ ଚେହେରାଙ୍କୁ,
ପ୍ରସ୍ତୁତ ହୋଇଯାଏ, ପ୍ରଥମ ଥର
ନିଜକୁ ନିଜେ ଅପହରଣ କରିବା ଲକ୍ଷ୍ୟରେ–
ତତ୍‌କ୍ଷଣାତ୍ ଲୁଚି
ଛାଡ଼ି ଆସିଥିବା ମୋହରେ ।

ମୋ: ୭୯୭୮୩୬୬୭୬୦

# ଆହା ମୋର ପରଦେଶୀ ବନ୍ଧୁ

**ଅସୀମା ସାହୁ**

**ଚ**ନ୍ଦ୍ରିକାର ସ୍ୱର୍ଶ
ଓଠରେ ମୋ' କମ୍ପନ ଆଣିଲେ
ଚାନ୍ଦିନୀର ଚାନ୍ଦ
ମୋ' ଗାଲରେ ଚୁମ୍ବନ ଆଙ୍କିଲେ
ସୁରରେ ସୁରଭି ଭରି
ଅପେକ୍ଷାର ବଂଶୀ ବଜାଇଲେ
ରାଗର ରାଗିଣୀ ଶୁଭେ
ହୃଦୟର ଲହରୀ ମାଳାରେ
ମେଘରଙ୍ଗୀ ଗେହ୍ଲୀ ହସେ
ମୁରୁକିଆ କଅଁଳ ଖରାରେ
ଝୁମାଝୁମା ମନ ନାଚେ
ସାତରଙ୍ଗ ଭିଣିଯାଏ ଧୀରେ
ଜାଡ଼ରେ ବି ଜଳାଇକି
ଧୂଆଁ ଢାଳେ
ଚାରୁକେଶୀ ଠୁମୁରି ଶୁଣାଏ
ତାତି ଭରେ... ଛାତିଏ ଶୀତରେ
ଆହା ମୋର ପରଦେଶୀ ବନ୍ଧୁ
ଗେଲ କରେ ଛୁଇଁ ଦିଏ
ଉଭେଇ ବି ଯାଏ
ଚମକାଇ ଦେଇ ମୋତେ
ଏଇ ମୋର ହାତପାହାନ୍ତାରେ
ଏସନ ଶୀତରେ ।

ମୋ: ୯୪୩୭୩୮୦୭୭୦

# ଓଃ

**ଅୟସ୍କାନ୍ତ**

**ଓଃ**
ଏବେ ଚିତ୍ରନଦୀରେ ବୀଭତ୍ସ ବନ୍ୟା
ଆସ ଗାଧୋଇପଡ଼
ଯେତେ ଉଆଁସୀ କନ୍ୟା
ବିକଳ୍ପ କଳ୍ପର କଳ୍ପିତ ପ୍ରକଳ୍ପ ନେଇ
କଳ୍ପବଟରେ କଳ୍ପାନ୍ତଯାଏଁ ଅପେକ୍ଷାରତ
ଏକ ଉଦ୍ଭଟ ଚିତ୍ରକଳ୍ପ
ତା' ବିମ୍ବରେ ଓଠର କଦମ୍ବ ବି ହତଭମ୍ବ

ଆମ୍ରକୁଞ୍ଜର ଶେଷ ଶୀତରେ
ସୋରିଷ କ୍ଷେତର ହଳଦୀ କ୍ଷତରେ
ସୁସୁରି ମାରି
ଖେଳିଲାଣି ଋତୁ ଚଇତାଳି
ବୁଢ଼ାପା ଯୌବନର ଭିକ ମାଗୁମାଗୁ
ପୂରି ଉଠୁଚି ଥାଳି ।
ରୂପ ରଙ୍ଗ ରସ ରାସ କେଳିର
ମିଛ ଅଥଚ ଉପଭୋଗ୍ୟ ଆସରରେ
କବିର କବିତା ଅର୍ଜୁଚି ଲକ୍ଷେ କରତାଳି !

ମୋ: ୮୭୬୩୩୯୩୧୧୬





# ଏକ ହଳଦୀବସନ୍ତର ମୃତ୍ୟୁ

## ଗଳ୍ପ

ମଧୁସୂଦନ ଦାଶ



ନିବିଡ଼ ସମ୍ପର୍କ। ସେଥିରେ ଥାଏ ଶ୍ରଦ୍ଧା, ସମ୍ମାନ ଓ ସମ୍ମୋହନ। ଥାଏ ବି ଝୁରିହେବାର ସମ୍ଭାବନା। ଏଇ ସମ୍ପର୍କ ଭିତରେ ଆମ ପରିବାର ଭିତରକୁ ପଶିଆସିଲା କରୋନା ଭୂତାଣୁର ଧୂମକେତୁ। ଅଣ୍ଟାରୁ ଜର। ଜରରୁ ଘୋଳାବିନ୍ଧା। ଆର୍‌ଟି-ପିସିଆର୍ ପରୀକ୍ଷାରୁ ବାପାଙ୍କ ବ୍ୟତିରେକେ ମୋ' ଦୁଇ ପୁଅ, ବୋଉ ଓ ପତ୍ନୀ ମେ ୩ରେ କରୋନା ପଜିଟିଭ୍ ଚିହ୍ନଟ ହେଲେ।

ବିବ୍ରତ ହୋଇପଡ଼ିବା ସ୍ୱାଭାବିକ। ଯାହାହେଉ ପୁରୀର ଇ-୨୪ ହସ୍ପିଟାଲ, ମୋ' ରେଭେନ୍ସା ବନ୍ଧୁ ଜୟୀ, ଆଉ କିଛି ସୁହୃଦ୍ ବନ୍ଧୁ ଓ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଗୃହ ସଙ୍ଗରୋଧରେ ରହି ଆରୋଗ୍ୟ ଲାଭ କଲେ। ଆକ୍ରାନ୍ତ ହେବାର ୧୫ ଦିନପରେ ମୁଁ ସେମାନଙ୍କ ପାଖକୁ ଗଲି। ଦୁଇପୁଅ ମୋ' ପାଖକୁ ଭୟରେ ଆସିଲେ ନାହିଁ, କାଳେ ମୋତେ କରୋନା ଆକ୍ରମଣ କରିବ। ସହଜେ ମୁଁ ଡାଏବେଟିକ୍। ଦୂରରୁ ରହି ପ୍ରଣାମ କଲେ ମୋତେ। ଆଖି ମୋର ଛଳଛଳ ହୋଇଗଲା। ବାପା ବୋଉ ମୋ ପାଖରେ ବସିଲେ। ବାପା ଦୁଇହାତ ଉପରକୁ ଟେକି ଜଗନ୍ନାଥଙ୍କୁ ସବୁ ଶ୍ରେୟ ଦେଉଥା'ନ୍ତି। ଗୋଟିଏ ରାତି ରହି ମୁଁ ଫେରିଆସିଲି ଭଦ୍ରକକୁ।


ସେଇ ୧୫ ଦିନ ଭିତରେ ମୁଁ ଅଧା ଡାକ୍ତର ପାଲଟିଯାଇଥିଲି। ଅକ୍ସି ଫ୍ଲୋ ମିଟରରେ ନିୟମିତ ବ୍ୟବଧାନରେ ସମସ୍ତଙ୍କ ଅମ୍ଳଜାନ ସ୍ତର ମାପିବା ପାଇଁ ମୋ' ସାନପୁଅକୁ କହିଥିଲି। ସେ ମାପି ମୋତେ ଜଣାଉଥିଲା। ମୋ' ବଡ଼ପୁଅ ତାକୁ କରୋନା ଫରୋନା କିଛି ହୋଇନାହିଁ ବୋଲି ତା' ମା'କୁ କହୁଥିଲା। କରୋନା ଭୟାବହତା ସମୟରେ ଛୋଟଛୁଆ ସାହସ ନ ହାରିବା ମୋ' ପାଇଁ ଏକ ଆଶ୍ୱାସନାର ବିଷୟ ଥିଲା।

କଥା ଦେଇଥିଲି ସେମାନଙ୍କୁ ରଜ ପୂର୍ବରୁ ଭଦ୍ରକ ଆଣି ଆସିବି ବୋଲି। ସେମାନଙ୍କୁ ଆଣିବା ସପ୍ତାହେ ଡେରି ହୋଇଗଲା। ଜୁନ୍ ୧୧ରେ ସେମାନଙ୍କୁ ଭଦ୍ରକ ନେଇଆସିଲି। ଅନ୍ତତଃ କରୋନା ପରବର୍ତ୍ତୀ ଜଟିଳତା ଉପରେ ପାଖରେ ରଖି ଅନୁଧ୍ୟାନ କରିବି ବୋଲି। ହଠାତ୍ ଜୁନ୍ ୧୬ ତାରିଖରେ ଆମ ପରିବାରକୁ ଆଉ ଏକ ଅତିଥି ପଶିଆସିଲେ। ସାନପୁଅ ମୋ' ସରକାରୀ ବାସଭବନ ବାହାରେ ବୁଲୁଥିଲାବେଳେ ହଠାତ୍ ଦେଖିଲା, ଏକ ପକ୍ଷୀଛୁଆ ମୁମୂର୍ଷୁ ଅବସ୍ଥାରେ ବେଲ ଗଛରୁ ତଳକୁ ଖସିପଡ଼ିଲା।

ଯତ୍ନରେ ସେ ତାକୁ ଘରକୁ ଆଣିଲା। ସବୁ ବନ୍ଦୋବସ୍ତରେ ଲାଗିପଡ଼ିଲା। ପକ୍ଷୀଛୁଆ କେଉଁଠି ରହିବ, କିପରି ରହିବ, କ'ଣ ଖାଇବ, କ'ଣ ପିଇବ ଇତ୍ୟାଦି ଇତ୍ୟାଦି। ସେ ତା' ପାଇଁ ପଟିଲିରେ ଘର ତିଆରି କଲା। ୟୁଟ୍ୟୁବ୍‌ରୁ ଖୋଜିଲା ପକ୍ଷୀର ଖାଦ୍ୟ ପାନୀୟ। ତା' ଚଞ୍ଚୁରେ ପାଣିଆ ପାଣିଆ କରି ଛତୁଆ ଚାମଚରେ ପିଆଇଲା। ସେ ସହଜରେ ଗ୍ରହଣ କଲାନି। ପୁଅ ମୋର ବ୍ୟସ୍ତ ହୋଇପଡ଼ିଲା। ବଜାରରୁ ଡ୍ରପର କିଣାହୋଇ ଆସିଲା। ଡ୍ରପର ସାହାଯ୍ୟରେ ତାକୁ ଖାଦ୍ୟ ଖୁଆଇଲା। ଆସ୍ତେ ଆସ୍ତେ ଖାଦ୍ୟ ଗ୍ରହଣ କରିବାକୁ ଆରମ୍ଭ କଲା ପକ୍ଷୀଛୁଆ। ଶ୍ରଦ୍ଧା ସ୍ନେହ ପାଇଲେ ସମସ୍ତେ ଅଳିକି ଉଠନ୍ତି। ତା'ର ଠିକ୍ ସେଇଆ ହେଲା। ପର ଉଠିଲା। ହଳଦିଆ ହଳଦିଆ ଦିଶିଲା। ଆମ ଘରକୁ ହଳଦୀବସନ୍ତ ଛୁଆ ଆସିଲା ବୋଲି ସାନପୁଅ ଅତି ଖୁସିରେ ଘୋଷଣା କଲା। ଖାଇଲା। ପିଇଲା। ବଢ଼ିଲା। ପର ଲାଗିଗଲା ତା'ର। କେତେବେଳେ ବୋଉ ମୋର, କେତେବେଳେ ପତ୍ନୀ ମୋର ପୁଅର ଅନ୍‌ଲାଇନ କ୍ଲାସ୍‌ବେଳେ ତାକୁ ଖୁଆନ୍ତି। କିନ୍ତୁ ତା'ର ବେଶି ସୁଖ ପୁଅ ହାତରୁ ଖାଇବା। ଭୋକ କଲେ ରାବେ। ସମସ୍ତେ ତା' ପାଖକୁ ଧାଇଁ ଯାଆନ୍ତି।

ଖଣ୍ଡିଉଡ଼ା ଦେଲା। ଉଡୁଉଡୁ ଦିନେ ଉଡ଼ିଗଲା। ଉଡ଼ିଯାଇ କଦମ୍ବ ଗଛରେ ବସିଲା। ମୋ' ପୁଅ ମୁଣ୍ଡ ଗୋଳ୍ ହୋଇଗଲା। ଯେତେ ଡାକିଲେ ବି ସକାଳ ଯାଇ ଦ୍ୱିପ୍ରହର ହେଲା ଆସିବା ନାଁ ଧରିଲାନି। ପୁଅ ମୋର ବାଇବିଛୋଳି ହେଉଥାଏ। ଖାଇ ଶିଖିନି। କ'ଣ ଖାଇବ। କେମିତି ବଞ୍ଚିବ କହି କାନ୍ଦ କାନ୍ଦ ହେଉଥାଏ। ହଠାତ୍ ବେଳବୁଡ଼କୁ ବୋଧେ ପକ୍ଷୀଛୁଆ ଆମ ଘର ଖୋଜିଲା। ଘର ଖୋଜିଲାନି ତ ଆମମାନଙ୍କ ଭଲପାଇବା ମନେପକେଇଲା। କଦମ୍ବ ଗଛରୁ ଆଉ ଟିକେ ଛୋଟ ଗଛକୁ ପକ୍ଷୀଛୁଆ ଆସିଲା। ପୁଅ ତା' ପାଖକୁ ଗଲା। ପାଚେରି ଚଢ଼ି ତାକୁ ଧରି ଘରକୁ ଆଣିଲା। ମୋ' ପୁଅର କୋଟିନିଧି କହିଲେ ନ ସରେ। ଖାଇବାକୁ ପିଇବାକୁ ଦେଲା। ପକ୍ଷୀଛୁଆ ସାଷ୍ଟାମ ହେଲା। ସେଇଦିନଠାରୁ ବେଶି ଉଡ଼ିଲାନି। ତା'ର ବୋଧେ ଭୟ ଆସିଯାଇଥିଲା। ପୁଅର ପାଖ ଛାଡ଼ିଲା ନାହିଁ।

ହଠାତ୍ ଦିନେ ଘର ଭିତରେ ଉଡ଼ିଗଲା। ପକ୍ଷ ଲାଗିଲେ ପକ୍ଷୀକୁ କିଏ ବା ସମ୍ଭାଳିବ! ଉଡ଼ାଣ ପକ୍ଷୀର ସ୍ୱଭାବ। ଉଡୁଉଡୁ ଘୂରୁଥିବା ପଙ୍ଖା ବ୍ଲେଡ୍ ସଂସ୍ପର୍ଶରେ ଆସି କଚାଡ଼ି ହୋଇ ପଡ଼ିଲା। ପକ୍ଷରେ ମୃଦୁ ଆଘାତ ଲାଗିଲା। ବ୍ୟସ୍ତ ହୋଇ ପଡ଼ିଲୁ ଆମେ। ବିବ୍ରତ ହୋଇ ପଡ଼ିଲା ପୁଅ। ପୁଣି ସେ ୟୁଟ୍ୟୁବ୍ ଦରାଣ୍ଡିଲା ଉପଚାର ପାଇଁ। ପାଇଲା ବି ସୂତ୍ର। ତା' ଦୁର୍ଘଟଣା ଜାଗାରେ ହଳଦୀ ମାଖିଦେଲା। ପକ୍ଷକୁ ଭଲ ଭାବରେ ବାନ୍ଧିଦେଲା। ଆସ୍ତେ ଆସ୍ତେ ସୁସ୍ଥ ହୋଇ ଆସୁଥିଲା ପକ୍ଷୀ। ବଢ଼ିବା ସହ ପକ୍ଷ ବି ବେଶି ବେଶି ଗଜରୁଥିଲା। ପେଟ ବଢ଼ିଲେ ଖାଦ୍ୟ ବି ଅଧିକ ଦରକାର ହୁଏ ପୁଅ ମୋର ବୁଝିପାରିଥିଲା। ୩୦ ଟଙ୍କାରେ ବଜାରରୁ ତା' ପାଇଁ ଦାନା କିଣିଆଣିଲା। ଛତୁଆ ସହ କ୍ଷୀର ଓ ଦାନା ଖାଇବାକୁ ଦିଆଗଲା। ପକ୍ଷୀଛୁଆଟି ଆମ ପରିବାରର ସଦସ୍ୟ ହୋଇ ସାରିଥିଲା।



ଦଶମ ଶ୍ରେଣୀ ପିଲାଙ୍କ କ୍ଲାସ୍ ଆରମ୍ଭ ହେବ ବୋଲି ଘୋଷଣା ହେଲା। ପତ୍ନୀ ମୋର ପୁରୀରେ ଛାଡ଼ିଆସିବା ପାଇଁ କହିଲେ। ମୋ' ମନ ନ ଥିଲେ ବି ବାଧ୍ୟ ହେଲି। ପୁରୀକୁ ଯିବା ପୂର୍ବ ଦିନ ପୁଣି ଆଉ ଏକ ଘର ପୁଅ ତିଆରି କଲା ପକ୍ଷୀ ପାଇଁ। ବାଟରେ ଛୁଆ କ'ଣ ଖାଇବ ତା'ର ସବୁ ବନ୍ଦୋବସ୍ତ କଲା। ଛତୁଆ ସହ କ୍ଷୀର ଫେଣ୍ଟି ଗୋଟେ ବୋତଲରେ ପୂରେଇଲା।

ବାଟସାରା ଗାଡ଼ିରେ ଡ୍ରପର ଦ୍ୱାରା ସେ ପକ୍ଷୀଛୁଆକୁ ଖୋଇ ଚାଲିଥାଏ। ଶନିବାର ରବିବାର ରହି ସୋମବାର ଭଦ୍ରକକୁ ଫେରିଆସିଲି। ମଝିରେ ମଝିରେ ପକ୍ଷୀଛୁଆ କେମିତି ଅଛି ପଚାରି ବୁଝିଲି।

ହଠାତ୍ ଦିନେ ଫୋନ୍ ଆସିଲା ପକ୍ଷୀଛୁଆର ଦେହ ଖରାପ। ଖାଇବା ପିଇବା ଛାଡ଼ି ଦେଲାଣି। ପତଳା ଝାଡ଼ା ହେଉଛି। ସାନ ପୁଅ ୟୁଟ୍ୟୁବ୍ ଘାଣ୍ଟିଲା। ଓ.ଆର୍.ଏସ୍. ଗୁଣ୍ଡ କିଣି ଆଣିଲା। ପାଣିରେ ମିଶାଇ ପିଆଇଲା। ସବୁ ପ୍ରକାର ଯତ୍ନ ନେଲା। ହେଲେ ବିଧିର ବିଧାନ ଭିନ୍ନ ଥିଲା। ସକଳ ଚେଷ୍ଟା ସତ୍ତ୍ୱେ ପକ୍ଷୀଛୁଆ ଲଢ଼େଇ କରି ଆଖି ବୁଜିଲା ବୋଲି ମୋ' ପାଖକୁ ପତ୍ନୀ ଫୋନ୍ କଲେ। ଫୋନ୍‌ରୁ ଶୁଭାଯାଉଥିଲା ମୋ' ପୁଅର ଆଖିଫୁଲା କାନ୍ଦ। ସେ ଝୁରି ହେଉଥିଲା ପକ୍ଷୀଛୁଆକୁ। ତା'ର ପୁଅର ନିବିଡ଼ ସମ୍ପର୍କକୁ।

ଜେଜେମା' ବୁଝାଉଥିଲା ତାକୁ- ଧନରେ କାନ୍ଦେନା। ତୁ ଜାଣିନୁ ତୋ' ବାପା ଛୁଆଟିଏ ହୋଇଥିଲା। ପ୍ରତିବର୍ଷ ଆମର ଗୋ ମଡ଼କ ପଡ଼େ। ଏ ବର୍ଷ ଗାଈ ମଲାଣି ତ ଆରବର୍ଷକୁ ବଳଦ।

ଜେଜେ ତୋର ନୟାନ୍ତ ହୋଇଯାଉଥିଲେ। ଶେଷରେ ଗୁହାଳ ଘରେ ନିଆଁ ଲାଗିଗଲା। ବହୁ କଷ୍ଟରେ ତୋ' ବାପାକୁ ପୋଷିପାଳି ମଣିଷ କରିଛନ୍ତି। ତୋ' ବାପା ଆଗରେ ତା'ର ଦୁଇ ଭାଇ ଆଖି ବୁଜିଛନ୍ତି। ଅଭାବ କ'ଣ ତୋ' ବାପ ହୃଦୟଙ୍ଗମ କରିଛି।

ସେ ଭୋକକୁ ପିଠିକରି ବଞ୍ଚିବା ଶିଖିଛି। ଦୁଃଖକୁ ବିଛଣା କରି ଶୋଇବା ଜାଣିଛି। ତୁ ତ ସେ ପକ୍ଷୀଛୁଆର ବହୁତ ସେବା କଲୁ। ବଡ଼ ହେଲେ ପଶୁପକ୍ଷୀଙ୍କ ଏମିତି ସେବା କରିଚାଲିବୁ। ଧନଟା ପରା କାନ୍ଦେନା। ମୋ' ପୁଅ ଭିତରେ କ'ଣ ଭାବାନ୍ତର ହେଉଥିଲା ନ ଜାଣିପାରିଲେ ବି ମୋ' ଭିତରେ କ'ଣ ଗୋଟାଏ ହୋଇଯାଉଥିଲା। ମୋ' ଭିତରେ ପକ୍ଷୀର କିଚିରିମିଚିରି ଶବ୍ଦ ରହି ରହି ଶୁଭୁଥିଲା।

ମୁଁ କେବଳ ଭାବୁଥିଲି। ହଁ, ନିରୋଳା ଭାବୁଥିଲି।

ମୋ: ୯୪୩୭୬୩୩୨୪୯୮



# ପୁସ୍ତକ ପରିଚୟ

## କୋଣାର୍କ


**କବି:** ବିନୋଦ ଚନ୍ଦ୍ର ନାୟକ ବିଶେଷ ସଂଖ୍ୟା
**ମୁଖ୍ୟ ସମ୍ପାଦକ:** ହୃଷୀକେଶ ମଲ୍ଲିକ
**ପ୍ରକାଶକ:** ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର
**ପ୍ରକାଶ କାଳ:** ୨୦୨୧, **ମୂଲ୍ୟ:** ଟ.୧୨୦/-




କବି ବିନୋଦ ଚନ୍ଦ୍ର ନାୟକ ବିଶେଷ ସଂଖ୍ୟା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ତ୍ରୈମାସିକ ମୁଖପତ୍ର 'କୋଣାର୍କ' ପ୍ରକାଶ ପାଇଛି। ଏହି ସଂଖ୍ୟାର ଅତିଥି ସମ୍ପାଦକ ଅଶ୍ୱିନୀ କୁମାର ମିଶ୍ର ଲେଖିଛନ୍ତି: ''ଏଲିୟଟ୍‌ଙ୍କ ସମୟରେ ତାଙ୍କ ଚେତନାର ବଶବର୍ତ୍ତୀ ନ ଥାଇ ଆୟର୍ଲାଣ୍ଡର କବି ଡବ୍ଲ୍ୟୁ.ବି. ୟେଟ୍ସ ଯେମିତି ସମ୍ପୂର୍ଣ୍ଣ ଅଲଗା କାବ୍ୟ ପୃଥିବୀ ନିର୍ମାଣରେ ମସ୍‌ଗୁଲ ଥିଲେ, ବିନୋଦ ଚନ୍ଦ୍ରଙ୍କ ଅବସ୍ଥିତି ଓଡ଼ିଆ କବିତା ରାଜ୍ୟରେ ଠିକ୍ ସେହିଭଳି ଥିଲା। ଚିନ୍ତା ଓ ଚେତନାରେ ନିଜର ସମସାମୟିକ, ପୂର୍ବବର୍ତ୍ତୀ, ଏପରିକି ତାଙ୍କ ପରବର୍ତ୍ତୀ କବିଙ୍କଠାରୁ ସେ କେଉଁଭଳି ପୃଥକ୍ ଥିଲେ, ତାଙ୍କ କବିତାମାନେ ହିଁ ତା'ର ନିର୍ଭୁଲ ପ୍ରମାଣ।'' ପତ୍ରିକାରେ ସ୍ଥାନ ପାଇଛି ମୋଟ ୨୭ଟି ପ୍ରବନ୍ଧ, ଯହିଁରେ ବିନୋଦ ଚନ୍ଦ୍ରଙ୍କ ଜୀବନୀ ଓ କୃତି ସମ୍ପର୍କରେ ତଥ୍ୟନିଷ୍ଠ ଆଲୋଚନା କରାଯାଇଛି। ପ୍ରାବନ୍ଧିକଙ୍କ ମଧ୍ୟରେ ଅଛନ୍ତି ବୈଷ୍ଣବ ଚରଣ ସାମଲ, ସୌଭାଗ୍ୟବନ୍ତ ମହାରଣା, ଶିବ ପ୍ରସାଦ ତ୍ରିପାଠୀ, ଭଗବାନ ପଟେଲ, ମଣୀନ୍ଦ୍ର କୁମାର ମେହେର, ପୁଷ୍ପଲତା ରଥ, ଶ୍ୟାମ ଭୋଇ, ଧ୍ରୁବରାଜ ନାଏକ, ମନ୍ଦାକିନୀ ଶତପଥୀ ଓ ପ୍ରେମାନନ୍ଦ ମହାପାତ୍ର ପ୍ରମୁଖ। 'କୋଣାର୍କ'ର ଏହି ବିଶେଷ ସଂଖ୍ୟାର ସମ୍ପାଦକ ଅଛନ୍ତି ସଂଗ୍ରାମ ଜେନା ଓ ସମ୍ପାଦନାମଣ୍ଡଳୀରେ ଅଛନ୍ତି ନୃସିଂହ ଷଡ଼ଙ୍ଗୀ, ପ୍ରସନ୍ନ କୁମାର ସ୍ୱାଇଁ, ଶୁଭଶ୍ରୀ ଲେଙ୍କା ଓ ଚନ୍ଦ୍ରଶେଖର ହୋତା। ପ୍ରବୋଧ କୁମାର ରାଉତ ଅଛନ୍ତି କାର୍ଯ୍ୟକାରୀ ସମ୍ପାଦକ। ୨୮୦ ପୃଷ୍ଠାର ଏହି ପତ୍ରିକାଟି କ୍ରେତାମାନଙ୍କ ପାଇଁ ଏକାଡେମୀର ପୁସ୍ତକ ବିକ୍ରୟ କେନ୍ଦ୍ରରେ ଉପଲବ୍ଧ।

## ଆଧାରଶିଳା


**ଲେଖିକା:** ସଂଘମିତ୍ରା ମିଶ୍ର
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୪୫/-




'ଆଧାରଶିଳା'କୁ କୁହାଯାଇଛି ଲେଖିକା ସଂଘମିତ୍ରା ମିଶ୍ରଙ୍କ ଆତ୍ମକଥା। କିନ୍ତୁ ପାଖାପାଖି ଦେଢ଼ଶହ ପୃଷ୍ଠାର ଏ ବହିଟି ପଢ଼ିଲା ପରେ ମନେହୁଏ ଏହା କେବଳ ତାଙ୍କର ଆତ୍ମକଥା ନୁହେଁ, ତାଙ୍କୁ ମେରିଖୁଣ୍ଟ କରି ଆତଯାତ ଆହୁରି ଅନେକଙ୍କର ଆତ୍ମକଥା। ଗ୍ରନ୍ଥାରମ୍ଭରେ 'ମୋର ଯାହା କହିବା କଥା' ଶୀର୍ଷକରେ ସଂଘମିତ୍ରା ଲେଖିଛନ୍ତି: ''ସଚେତନ ଭାବେ ଏହି ପୁସ୍ତକଟି ମୁଁ ପ୍ରସ୍ତୁତ କରିଛି। ହଁ, ଏହାକୁ ମୋ' ଆତ୍ମଜୀବନୀ 'ସଦିଚ୍ଛାର ସହସ୍ରଧାରା'ର ଗୋଟିଏ ଉପଧାରା ଭାବେ ଆପଣମାନେ ଗ୍ରହଣ କରିପାରନ୍ତି x x।'' ଅଳ୍ପ ଦିନର ବୈବାହିକ ଜୀବନ ପରେ ବିଧବା ହୋଇ ଯାଇଥିବା ନାନୀ କୃଷ୍ଣବଲ୍ଲଭୀ ରଥଙ୍କୁ ଚିଠି ଆକାରରେ ବହିଟିର ସବୁ ଅନୁଭୂତି ବ୍ୟକ୍ତ କରିଛନ୍ତି ଲେଖିକା। ମୋଟ ୨୩ଟି ପରିଚ୍ଛେଦରେ ପରିକଳ୍ପିତ ବହିଟି କେବଳ ପାରିବାରିକ ଅନୁଭବର କଥା କହେ ନାହିଁ, କହେ ଦେଶର ସ୍ୱାଧୀନତା ଆନ୍ଦୋଳନ ଓ ତହିଁରେ ନିଜ ପାରିବାରିକ ଅଂଶୀଦାରିର କଥା। ଭାଷାରେ ରହିଛି ପ୍ରଚ୍ଛନ୍ନ କବିତ୍ୱ। ଯଥା: ୧. ''ଭାଇନାଙ୍କର ଅନ୍ୟ କାହା ସହିତ ସମ୍ପର୍କ ଥିଲେ ସେ କଥା ତ ଲୁଚି ରହି ନ ଥାଆନ୍ତା ! ଛାଡ଼, ନ ଥିଲା ଗଛର ଛାଇ ଖୋଜିବା କାହିଁକି ?'' (ପୃ:୯), ୨. ''ତା' ପରଠାରୁ ଆମ ଗାଁ ଖଣ୍ଡାସାହିରେ ବଦଳିଗଲା ଆମ ପରିବାରର ମାନଚିତ୍ର। ସେଠି ଗୋଟେ ମାତ୍ର ଋତୁ ଥିଲା। ଯାହା ଥିଲା ଅପେକ୍ଷାର ଋତୁ।'' (ପୃ:୧୧) ବହିର ଶେଷ ଭାଗରେ ଥିବା ଫଟୋଗୁଡ଼ିକ ପୁଣି ଥରେ ମନେପକାଇଦିଏ ଲେଖିକା ଓ ତାଙ୍କ ନାନୀଙ୍କ ଜୀବନର ସ୍ୱାଦିଷ୍ଟ ଅତୀତ।

## ସର୍ଜନାତ୍ମୀୟତା


**ଲେଖକ:** ଡ. ତୁହିନାଂଶୁ ରଥ
**ପ୍ରକାଶକ:** ପ୍ରଜ୍ଞାନ ପବ୍ଲିକେଶନ୍ସ, ଜାରକା, ଯାଜପୁର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୮୦/-




'ସର୍ଜନାତ୍ମୀୟତା'- ଏପରି ଏକ ନାମକରଣ ପ୍ରଥମରୁ ନୂଆ ଲାଗେ ଓ ପାଠକ ମନରେ କୌତୂହଳ ଜଗାଏ ବହିଟି ଭିତରକୁ ଯିବାପାଇଁ। ବହିଟି ଲେଖକ ନାନା ଅବକାଶରେ ପଢ଼ିଥିବା ଓ ବକ୍ତବ୍ୟ ପ୍ରଦାନ କରିଥିବା କବି ଓ କବିତା ସମ୍ପର୍କିତ ୨୧ଟି ଆଲୋଚନାର ଏକ ଅଭିନନ୍ଦନୀୟ ଏକତ୍ରୀକରଣ। ବହିର ଆରମ୍ଭରେ ଥିବା ଗଦ୍ୟଲେଖରେ ଲେଖକ କହନ୍ତି: ''ସର୍ଜନଶୀଳତା ଆତ୍ମୀୟତା ସ୍ଥାପନର କଳା। କାଳ ଭିତରେ ରହି କାଳୋତ୍ତୀର୍ଣ୍ଣ ହେବାର ଜୀବନଧର୍ମ କାରିଗରି ଭାବେ ସର୍ଜନଶୀଳତା ଆମକୁ ଉତ୍ତୋଳିତ କରି ରଖେ। × × ଉଭୟ ଲେଖକ ଓ ପାଠକ ସେଇ ଉତ୍ତରଣ ପ୍ରକ୍ରିୟାର ସହଭାଗୀ ଓ ସହଯାତ୍ରୀ। ଏ ପୁସ୍ତକରେ ମୁଁ ସେଇ ସହଭାଗୀ ଓ ସହଯାତ୍ରୀ ହେବାର ପ୍ରୟାସ କରିଛି।'' ଗ୍ରନ୍ଥସ୍ଥ ରଚନାଗୁଡ଼ିକ ମଧ୍ୟରେ 'କବିତା ଓ ମୁଁ', 'କବିତାର କୁହୁ' ଓ 'ସଂଗତିର ମୂର୍ଚ୍ଛନା' ଭଳି ଆଲୋଚନା ମୌଳିକ ଓ ଲେଖକଙ୍କ ସ୍ୱକୀୟ ପ୍ରଜ୍ଞାରେ ପ୍ରଦୀପିତ। ଭାଗବତ, ଲକ୍ଷ୍ମୀପୁରାଣ ଓ ବିଦଗ୍ଧ ଚିନ୍ତାମଣିର ରଚୟିତାଙ୍କ କବିତା ସାଙ୍ଗକୁ ଭୀମଭୋଇ ଓ ବୈଷ୍ଣବ ପାଣିଙ୍କ କବିତାରେ ତୁହିନାଂଶୁଙ୍କ ଅବଗାହନ ପାଠିକାପାଠକଙ୍କୁ ଏକ ଆବିଷ୍କାରର ଆନନ୍ଦ ଆଣିଦେବ ବୋଲି ଆଶା। କବି ହୃଷୀକେଶ ମଲ୍ଲିକଙ୍କଠାରୁ ସୁଚେତା ମିଶ୍ରଙ୍କ ଯାଏଁ କତିପୟ ସାମ୍ପ୍ରତିକ କବିଙ୍କର ଏକ ଏକ ବହିର ଆକଳନରେ ନିହିତ ଗୁଣାତ୍ମକତା ଯୋଗୁଁ ବହିଟି ପାଠକ ଓ ଗବେଷକଙ୍କ ପାଇଁ ପ୍ରୟୋଜନୀୟ ସାବ୍ୟସ୍ତ ହେବ।

## ଇଚ୍ଛାମୟୀ


**କବୟିତ୍ରୀ:** ଶୁଭସ୍ମିତା ତ୍ରିପାଠୀ
**ପ୍ରକାଶକ:** ସାହିତ୍ୟ ଶ୍ୱେତପଦ୍ମା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୧୦/-




ବହିଟିରେ ସ୍ଥାନିତ ମୋଟ ୪୫ଟି କବିତା। କବିତାଗୁଡ଼ିକ ବିଚିତ୍ରବର୍ଣ୍ଣା ଅନୁଭବର ବିବିଧତାରେ। କବିତାଗୁଡ଼ିକରେ ଆବେଗ ଅଛି, କିନ୍ତୁ ଆବେଗକୁ କବିତାରେ ନିୟନ୍ତ୍ରିତ କଲାବେଳେ କବୟିତ୍ରୀଙ୍କର ଯେଉଁ ଅଙ୍କୁଶ ରହିବା କଥା, ତାହା ଅନେକତ୍ର ଶିଥିଳ ହୋଇପଡ଼ିଛି। କବିତାରେ ଥିବା କଞ୍ଚାପଣ କେତେବେଳେ କବିତାର ଭୂଷଣ ହୋଇଉଠୁଥିବାବେଳେ କେବେକେବେ ପୁଣି ଅର୍ଥହୀନ ହୋଇପଡ଼ିଛି। ଯଥା: ''ଯେଉଁଠି ସବୁ ଫୁଲ ମିଛ, ତାରାମାନେ ମିଛ/ ଆକାଶର ଜହ୍ନ ବି ହୋଇଯାଏ ଖଣ୍ଡଖଣ୍ଡ/ ମୁଁ ଆସେ ସେଇ ନିଷ୍ଫଳତାର ନିରବ ଗହ୍ୱରୁ/ କ୍ଷଣଟିଏ ଲାଗି/ ମୁହୂର୍ତ୍ତକର ନିଃଶ୍ୱାସରେ ତମର'' (ଉଦାସ କବିତା-୧, ପୃ: ୨୭)। ପରିପକ୍ୱ ଲାଗୁନାହିଁ କି ଏ ଉଲ୍ଲେଖ ? ଅଥଚ କେତେକ କବିତାରେ ଏ ପରିପକ୍ୱତା ପିଲାଳିଆ ବର୍ଣ୍ଣନା ସର୍ବସ୍ୱ ହୋଇପଡୁଛି। ବହିରେ ଥିବା କବିତାଗୁଡ଼ିକରେ ଲୋଡ଼ା ପଡୁଥିଲା ଆଉଟିକେ ଖଣ୍ଡନମଣ୍ଡନ, ଯାହା କରିବାକୁ ସମୟ ପାଇନାହାନ୍ତି କବୟିତ୍ରୀ। ତେବେ 'ଇଚ୍ଛାମୟୀ'ର ସାରେଗାମା ଅଭ୍ୟାସ ଭିତରେ ଯେ ଲୁଚି ରହିଛି ତାଙ୍କ କବିତାର କ୍ଲାସିକ୍ ସମ୍ଭାବନା- ଏହା ନିର୍ଦ୍ୱିଧାରେ କୁହାଯାଇପାରେ।

## ସଦ୍‌ଗୁରୁ ନିଗମାନନ୍ଦଙ୍କ ଦୃଷ୍ଟି ଓ ଦର୍ଶନ

**ଲେଖକ:** ମନୋରଞ୍ଜନ ମହାନ୍ତି
**ପ୍ରକାଶକ:** ତୀରତରଙ୍ଗ, ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୦୦/-




ମୋଟ ୨୦ଟି ପ୍ରବନ୍ଧ ଗ୍ରନ୍ଥରେ ସ୍ଥାନିତ ଓ ସମସ୍ତ ପ୍ରବନ୍ଧ ମହାନ୍ ସାଧକ ସ୍ୱାମୀ ନିଗମାନନ୍ଦଙ୍କ ସମ୍ପର୍କରେ ବିହ୍ୱଳବାକ୍। ନିଗମାନନ୍ଦଙ୍କ ଜୀବନ ଓ ସାଧନାର ନାନା ସ୍ତର ପ୍ରବନ୍ଧଗୁଡ଼ିକରେ ପର୍ଯ୍ୟାଲୋଚିତ। ଠାକୁରଙ୍କ ଦୃଷ୍ଟିରେ ମନୁଷ୍ୟର ସ୍ୱଭାବ, ମନୁଷ୍ୟର ଚୈତନ୍ୟ, ଚିନ୍ତନ, ଚରିତ୍ର ଓ ଚଳଣି, ସେବା ଧର୍ମ ଆଦିର ଚର୍ଚ୍ଚା ସାଙ୍ଗକୁ ଠାକୁରଙ୍କ ଦୃଷ୍ଟିରେ ଜ୍ଞାନ ଓ ଜ୍ଞାନୀ, ସାଧୁଙ୍କ ସ୍ୱରୂପ ଓ ଉପାସନା ଆଦିର ଆଧ୍ୟାତ୍ମିକ ବିଶ୍ଳେଷଣ କରାଯାଇଛି। 'ଶ୍ରୀଶ୍ରୀଠାକୁରଙ୍କ ଦୃଷ୍ଟିରେ ସାହିତ୍ୟ' ଶୀର୍ଷକ ନିବନ୍ଧଟି ସାହିତ୍ୟ ସମ୍ପର୍କରେ ଠାକୁରଙ୍କ ଅନୁଭବକୁ ଅତି ଅନ୍ତରଙ୍ଗ ଭାବେ ତୋଳି ଧରିଛି। ସାହିତ୍ୟିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ଠାକୁର କହିଛନ୍ତି: ''କବି, ସାହିତ୍ୟିକ, ଧାର୍ମିକ ସମସ୍ତଙ୍କର ହିଁ ଗୋଟିଏ କଠୋର କର୍ତ୍ତବ୍ୟ ରହିଛି। ଭାବ-ବିଳାସ ନେଇ ରହିଲେ ଚଳିବ ନାହିଁ। ଜାତିକୁ ସର୍ବାଗ୍ରେ ପ୍ରାଣବାନ୍, ବୀର୍ଯ୍ୟବାନ୍ ହେବାକୁ ହେବ।'' (ପୃ: ୧୪୩) ଆଧ୍ୟାତ୍ମିକ ଜିଜ୍ଞାସାର ପରିପୂର୍ତ୍ତି ପାଇଁ ଯେଉଁ କେତେଜଣ ଗୁରୁ ନିଗମାନନ୍ଦଙ୍କୁ ଲୋଡ଼ିବସନ୍ତି, ସେମାନଙ୍କ ପାଇଁ ବହିଟିର ଶତପ୍ରତିଶତ ଉପଯୋଗିତା ଯେ ରହିଛି, ଏହା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ।

## ବୁଢ଼ାବୁଢ଼ୀ କଳି

ଲଘୁ ଗଳ୍ପ

**ଶିବ ମିଶ୍ର**

**ଆ**ମ ପଡ଼ିଶାରେ ରହୁଥିବା ସେ ବୟସ୍କ ଦମ୍ପତି, ଏବେ କିଛିଦିନ ହେଲା ଅଧିକାଂଶ ସମୟ କଳି ଲାଗୁଛନ୍ତି। ମୁଁ ବେଳେବେଳେ ତାଙ୍କ ଘରକୁ ଯାଉଛି, ତାଙ୍କୁ ମଉସା ମାଉସୀ ବୋଲି ଡାକୁଛି, ହେଲେ ସେମାନଙ୍କ କଳିର କାରଣ ଜାଣିପାରୁନାହିଁ। ଦିନେ ମୁଁ ସେ ବିଷୟରେ ପଚାରିବାରୁ ମାଉସୀ କହିଲେ- ''ତୋ' ମଉସା ସାତବର୍ଷ ହେଲା ଚାକିରିରୁ ଅବସର ନେଲେଣି। ଏବେ ତାଙ୍କ ବୟସ ତୁ ଜାଣିପାରୁଥିବୁ ? ପୁଣି ତାଙ୍କର ଗୋଟିଏ ଆଖିରେ ପରଳ ମାଡ଼ିବା ଆରମ୍ଭ ହେଲାଣି ବୋଲି ଡାକ୍ତର କହୁଛନ୍ତି। ସେଥିପାଇଁ ସିଏ ଔଷଧ ଖାଉଛନ୍ତି। ଏଥିରେ ସିଏ ରାତି ନ ପାହୁଣୁ ଉଠି ମୋତେ ନ କହି ପାହାନ୍ତି ଭ୍ରମଣରେ ଚାଲିଯାଉଛନ୍ତି। ରାସ୍ତାରେ ଖାଲଖମା ଥିବ, ବୁଲାକୁକୁର ଥିବେ, ଯଦି କିଛି ଅଘଟଣ ଘଟିବ ? କେତେଥର କହିଲିଣି, ମୋତେ ସାଙ୍ଗରେ ନିଅ, ନାହିଁ- ସେ କଥା ହେବନି।''

ଏଥର ମଉସା କହିଲେ- ''ତା' କଥା ଶୁଣିଲୁ ଏବେ ମୋ' କଥା ଶୁଣେ। ତୋ' ମାଉସୀ ଦିନସାରା, ତନ୍ତୀଘର କଣ୍ଡା ପରି ଏପଟ ସେପଟ ଧାଉଁଛି। ଘରଓଳା, ରନ୍ଧାବଢ଼ା, ବାସନମଜା ଲୁଗାସଫା, ଫୁଲଗଛରେ ପାଣିଦିଆ ଏମିତି ଗୋଟେ ପରେ ଗୋଟେ କାମରେ ଲାଗିରହୁଛି। ଅଣ୍ଟା ସଳଖିବାକୁ ଦିନରେ ପାଞ୍ଚ ମିନିଟ୍ ବି ସମୟ ମିଳୁନି ତାକୁ। ତେଣୁ ରାତିରେ ଛଅ ସାତଘଣ୍ଟା ତା'ର ବିଶ୍ରାମ ଦରକାର ନା, ନାହିଁ। ସେଥିପାଇଁ ମୁଁ ତାକୁ ପାହାନ୍ତିଆର ଜମାଣିଆ ନିଦରୁ ଉଠାଇବାକୁ ଚାହୁଁ ନାହିଁ। ଦାଣ୍ଡଦୁଆରେ ତାଲା ଲଗାଇ ଦେଇ ଚାଲିଯାଉଛି। ଅଧ ଘଣ୍ଟାଏରେ ଫେରିଆସୁଛି। ହେଲେ ସିଏ ମୋ' କଥା ନ ବୁଝି କଳି କରୁଛି।''

ମୁଁ କହିଲି- ''ମାଉସୀ ଆପଣଙ୍କ ସହିତ କଳିକରୁନାହାନ୍ତି।'' ମଉସା କହିଲେ- ''ଆଉ ସିଏ କ'ଣ କରୁଛି, ଗେଲ ?'' ମୁଁ ଟିକିଏ ହସିଦେଇ ସେଠାରୁ ଚାଲି ଆସୁଥିଲି, ହେଲେ କ'ଣ ମନହେଲା ମୁହଁ ବୁଲାଇ ପଛକୁ ଚାହିଁଦେଲି, ଦେଖିଲି- ସେ ଦୁହେଁ ହସୁଥିଲେ। ସେ ହସ ଥିଲା ସେମିତିକା ମନଖୋଲା, ଯେମିତିକା ଥିଲା ତାଙ୍କର ମନଖୋଲା କଳି।

